ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ରାଜ୍ୟସ୍ତରୀୟ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ଶୁଭାରମ୍ଭ

ଭୁବନେଶ୍ୱର,୦୪/୦୨/୨୦୧୯

ଆଜି ସକାଳ ୭ଟା ସମୟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଡ. ନୃସିଂହ ଚରଣ ସାହୁ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସାହୁ ଏକ ଦୁର୍ଘଟଣାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ ଏବଂ ଦୁର୍ଘଟଣା ରୋକିବା ପାଇଁ ଶିକ୍ଷା ଓ ସଚେତନତା ସଂପର୍କରେ ପରାମର୍ଶ ଦେଇଥିଲେ ।

ସପ୍ତାହ ପାଳନ ଉପଲକ୍ଷେ ଏକ ବିଶାଳ ଶୋଭାଯାତ୍ରା କିଟ୍ କ୍ୟାମ୍ପସ୍‌ରୁ ବାହାରି ଚନ୍ଦ୍ରଶେଖରପୁରର ଡ୍ରାଇଭିଙ୍ଗ ଟେଷ୍ଟିଙ୍ଗ୍ ଟ୍ରାକ୍‌କୁ ଯାଇଥିଲା । ଏଠାରେ ଏକ ସାଧାରଣ ସଭାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ଜି. ଶ୍ରୀନିବାସନ୍, ପରିବହନ କମିଶନର ଶ୍ରୀ ସଞ୍ଜୀବ ପଣ୍ଡା, ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ଅତିରିକ୍ତ ପରିବହନ କମିଶନର ଶ୍ରୀନିବାସ ବେହେରା, ଅତିରିକ୍ତ ଡିଜି ଶ୍ରୀ ସନ୍ତୋଷ ଉପାଧ୍ୟାୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶା କଳିଙ୍ଗ ଫାଉଣ୍ଡେସନ୍‌ର କର୍ମକର୍ତ୍ତା ଶ୍ରୀ ଦେବବ୍ରତ ନାୟକ, ଡେପୁଟି କମିଶନର ଶ୍ରୀ ମନୋରଞ୍ଜନ ଲୋଧା, ଯୁଗ୍ମ କମିଶନର ଶ୍ରୀ ଚିତ୍ତରଞ୍ଜନ ରାୟଙ୍କ ସମେତ ବହୁ ପଦାଧିକାରୀ ସଡ଼କ ସୁରକ୍ଷା ପଦଯାତ୍ରାରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ବେହେରାଙ୍କ ପରିଚାଳନାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଟ୍ରକ୍, ବସ୍, ମିନିଟ୍ରକ୍, ଟ୍ୟାକ୍ସି, ଅଟୋ ସଂଘର ସଭାପତି ଏବଂ ସଂପାଦକ, କିନ୍ନର ସଂଘ, ଡ୍ରାଇଭିଂ ଟ୍ରେନିଂ ସ୍କୁଲର କର୍ମକର୍ତ୍ତା, କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ପ୍ରାଶୋର ଅଧକ୍ଷ ମକ୍‌ବୁଲ୍ ଅଲ୍ଲୀ, ଫୁଟ୍‌ବଲ ଟିମ୍ କ୍ୟାପ୍‌ଟେନ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କୁମାରୀ ଲିଙ୍କନ୍ ସୁବୁଦ୍ଧିଙ୍କ ସମେତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ୧ ଓ ୨ର ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ । ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ନିମନ୍ତେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ଏହି ସଚେତନତା କାର୍ଯ୍ୟକ୍ରମ ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାମାନଙ୍କରେ ଆୟୋଜିତ ହେବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ ।

ରାଜ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଟ୍ରାନ୍ସପୋର୍ଟ ବିଭାଗ ପକ୍ଷରୁ ପ୍ରୟୋଜିତ ଏକ ସଡ଼କ ସୁରକ୍ଷା ରଥ ସହିତ ଏକ ସାଇକେଲ ରାଲି ମଧ୍ୟ ରାଜ୍ୟର ବିଭିନ୍ନ ସହରମାନ ପରିକ୍ରମା କରିବ ।

ସଚ୍ଚିଦାନନ୍ଦ ବେହେରା

ସୂଚନା ଅଧିକାରୀ